

# ପୁଷ୍ଟି ନିରାପତ୍ତା ଓ ଜୀବନ ଜୀବିକା ପାଇଁ ମୁଗ ଗୃଷ

ନାମ : **ନିରଞ୍ଜନ ଖଡ଼ା**
ଗ୍ରାମ : ଚିକିମା,
ପଞ୍ଚାୟତ ସମିତି : ବୈପାରିଗୁଡ଼ା, ଜିଲ୍ଲା : କୋରାପୁଟ
ବୟସ : ୫୩ ବର୍ଷ
ଜାତି : ରଣା (ପଛୁଆବର୍ଗ)
ବୃତ୍ତି : କୃଷି (୪.୪ ଏକର)
ପରିବାର ସଂଖ୍ୟା : ୫ (ବୟସ୍କ)

କୃଷି ହେଉଛି ମୋର ମୁଖ୍ୟ ଜୀବିକା । ମୋର ୧ ଏକର ଖାଲ ଜମି, ୩ ଏକର ମଧ୍ୟମ ଜମି, ୦.୩ ଏକର ଡଙ୍ଗର ଜମି ସହ ୦.୧ ଏକରର ବାଡ଼ି ବଗିଚା ଅଛି । ବର୍ଷା ଦିନେ ମୁଁ ସାଧାରଣତଃ ଖାଲ ଓ ମଧ୍ୟମ ଜମିରେ ଧାନ; ଡଙ୍ଗର ଜମିରେ ମାଣ୍ଡିଆ ଓ ବାଡ଼ି ବଗିଚାରେ କାଙ୍କଡ଼ ଓ ଶିମ୍ବ ଆଦି ଗୃଷ କରେ । ଧାନ ଅମଳ ପରେ ୧ ଏକର ଖାଲ ଜମିରେ ମୁଗ ଓ କିଛି ମଧ୍ୟମ ଜମିରେ ପୁଣି ଧାନ ଗୃଷ କରେ । ସେଥିରୁ ମୁଁ ପ୍ରାୟତଃ ଏକର ପ୍ରତି ୨୦ କ୍ୱିଣ୍ଟାଲ ଧାନ, ୨ କ୍ୱିଣ୍ଟାଲ ମାଣ୍ଡିଆ ଓ ୨ କ୍ୱିଣ୍ଟାଲ ମୁଗ ଅମଳ ପାଏ ।

୨୦୧୩ ମସିହା ରବି ଋତୁରେ ମୁଁ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍‌ର ଲାନ୍‌ସା ପ୍ରକଳ୍ପ ସହ ଜଡ଼ିତ ହେଲି । ଉକ୍ତ ପ୍ରକଳ୍ପର କର୍ମଚାରୀମାନେ ଆମ ଗ୍ରାମରେ ଏକ ବୈଠକ କରି ଧାନ ଅମଳ ପରେ ଜମିକୁ ପଡ଼ିଆ ନ ପକାଇ ସେଥିରେ ଡାଲି ଜାତୀୟ ଫସଲ ଗୃଷ କରିବା ପାଇଁ ପରାମର୍ଶ ଦେଇଥିଲେ । ଯେହେତୁ ମୁଁ ଆଗରୁ ମୁଗ ଗୃଷ କରୁଥିଲି ତେଣୁ ଏହାକୁ ସହଜରେ ଗ୍ରହଣ କଲି । ସେମାନଙ୍କ ପରାମର୍ଶ ଅନୁଯାୟୀ ପ୍ରଥମେ ୦.୫ ଏକର ଜମିରେ ଉନ୍ନତ କିସମର ବିହନ ପ୍ରୟୋଗ ସହ ଉପଯୁକ୍ତ ଜମି ପ୍ରସ୍ତୁତି, ଆବଶ୍ୟକ ଅନୁସାରେ ଖତସାର ପ୍ରୟୋଗ, ଘାସ ବଛା ଆଦି ଉନ୍ନତ ପ୍ରଣାଳୀରେ ଗୃଷ କଲି । ବିହନର କିସମ ଓ ଗୃଷ ପ୍ରଣାଳୀରେ ଟିକିଏ ପରିବର୍ତ୍ତନ ଦ୍ୱାରା ମୁଁ ସେହି ୦.୫ ଏକର ଜମିରୁ ୧୪୦ କି.ଗ୍ରା. ମୁଗ ଅମଳ କଲି; ଯେଉଁଠାରୁ କି ମୁଁ ଆଗରୁ ଏକର ପ୍ରତି ୨୦୦ କି.ଗ୍ରା. ଅମଳ ପାଉଥିଲି । ଯଦିଓ ଆମ ଗାଁର ଗୃଷୀମାନେ ଆଗରୁ ମୁଗ ଚାଷ କରି ଆସୁଥିଲେ, କିନ୍ତୁ ଆର୍ଥିକ ଅବସ୍ଥା ଭଲ ନଥିବାରୁ ସମୁଦାୟ ମୁଗକୁ ବିକ୍ରି କରି ସେହି ଅର୍ଥକୁ ପିଲାମାନଙ୍କ ପାଠ ପଢ଼ା ଖର୍ଚ୍ଚ ସହିତ ଘରର ଅନ୍ୟାନ୍ୟ ଖର୍ଚ୍ଚରେ ନିୟୋଜିତ କରୁଥିଲେ । ବେଳେବେଳେ ମଧ୍ୟ ଘରର ଆବଶ୍ୟକତା ପାଇଁ ଆମକୁ ନିକଟସ୍ଥ ସାପ୍ତାହିକ ହାଟରୁ ଅଧିକ ଦରରେ ଡାଲି କିଣିବାକୁ ପଡୁଥିଲା । ଲାନ୍‌ସା ପ୍ରକଳ୍ପର ଦ୍ୱାରା ଆୟୋଜିତ ପୋଷଣ ସଚେତନତା ତାଲିମ ଶିବିରରେ ଯୋଗଦେବା ପାଇଁ ଆମ ଗାଁ ତରଫରୁ ମୋତେ ମନୋନୀତ କରାଯାଇଥିଲା । ତାଲିମ ପରଠାରୁ ମୁଁ ଆମ ନିତିଦିନିଆ ଖାଦ୍ୟରେ ଡାଲି ଜାତୀୟ ଖାଦ୍ୟର ଉପାଦେୟତା ବିଷୟରେ ଅବଗତ ଅଛି । ତାଲିମରୁ ଫେରିବା ପରେ ଡାଲିକୁ ଆମ ନିତିଦିନିଆ ଖାଦ୍ୟ ସହ ଜଡ଼ିତ କରିବା ପାଇଁ ମୁଁ ମୋ ସ୍ତ୍ରୀକୁ ମଧ୍ୟ ପରାମର୍ଶ ଦେଲି । ମୋର ପିଲାମାନେ କଲେଜରେ ପାଠ ପଢୁଥିବାରୁ ସେମାନେ ଡାଲିର ଉପକରିତା ବିଷୟରେ ମଧ୍ୟ ସେମାନଙ୍କ ମାଆକୁ ବୁଝାଇଲେ । ବର୍ତ୍ତମାନ ଆମେ ସପ୍ତାହକୁ ୫–୬ ଦିନ ଡାଲି ଖାଉଅଛୁ ।

ପ୍ରଥମ ବର୍ଷର ଅନୁଭୂତିକୁ ଆଧାର କରି ୨୦୧୪ ରବି ଋତୁରେ ଉନ୍ନତ ବିହନ ଓ ଉନ୍ନତ ଚାଷ ପ୍ରଣାଳୀରେ ୧ ଏକର ଜମିରେ ମୁଗ ଗୃଷ କରିଥିଲି । ୨୦୧୫ ରବି ଋତୁଠାରୁ ଉପରୋକ୍ତ ପ୍ରଣାଳୀରେ ୧.୫ ଏକର ଜମିରେ ମୁଗ ଗୃଷ କରିଆସୁଅଛି ଏବଂ ବର୍ଷକୁ ପ୍ରାୟତଃ ୪୦୦–୪୫୦ କି.ଗ୍ରା. ମୁଗ ଅମଳ ପାଉଅଛି । ଘରର ଖାଇବା ପାଇଁ ୮୦–୯୦ କି.ଗ୍ରା. ମୁଗ ସଞ୍ଚୟ କରି ରଖିଲା ପରେ ବଳକା ମୁଗକୁ ନିକଟବର୍ତ୍ତୀ ହାଟରେ ବିକ୍ରି କରି ସେହି ଅର୍ଥକୁ ପିଲାମାନଙ୍କର ପାଠ ପଢ଼ା ଖର୍ଚ୍ଚ ସହ, ପୋଷାକପତ୍ର ଏବଂ ଘରର ଅନ୍ୟାନ୍ୟ ଖର୍ଚ୍ଚରେ ବିନିଯୋଗ କରି ପାରୁଛି ।

ଅଳ୍ପ କିଛି ଦିନ ହେଲା, ଲାନ୍‌ସା ପ୍ରକଳ୍ପ ସହାୟତାରେ ଆମ ଗାଁରେ ଏକ ଡାଲି ପ୍ରକ୍ରିୟାକରଣ ମିଲ୍ ସ୍ଥାପନ ହୋଇଛି । ଆଗରୁ ଆମ ଅଞ୍ଚଳରେ ଡାଲି ପ୍ରକ୍ରିୟାକରଣ ମିଲ୍ ନଥିବାରୁ ଚାଷୀମାନେ ଅମଳ ହେଉଥିବା ମୁଗ/ବିରି (ଶସ୍ୟ)କୁ ନିକଟସ୍ଥ ହାଟରେ କମ୍ ଦରରେ ବିକି, ମୁଗ/ବିରି(ଡାଲି)କୁ ଅଧିକ ଦରରେ କିଣିବାକୁ ବାଧ୍ୟ ହେଉଥିଲେ । ବର୍ତ୍ତମାନ ଆମେ ବହୁତ ଖୁସି ଯେ, ଆମ ଜମିରୁ ଅମଳ ହେଉଥିବା ଡାଲି ଜାତୀୟ ଫସଲକୁ ଆମ ଗାଁରେ ପ୍ରକ୍ରିୟାକରଣ କରି ଆମର ଖାଇବା ପାଇଁ ଆମେ ଡାଲି ପ୍ରସ୍ତୁତ କରିପାରୁଛୁ; ଯାହା ଦ୍ୱାରା ଆମେ କିଛି ଅର୍ଥ ଓ ସମୟ ବଞ୍ଚାଇ ପାରିବା ସହିତ, ବଜାର ଉପରେ ନିର୍ଭରଶୀଳତା ମଧ୍ୟ କମିଯାଇଛି । ଏହା ଆମ ଅଞ୍ଚଳର ଗୃଷୀମାନଙ୍କୁ ମୁଗ ଓ ବିରି ଆଦି ଡାଲି ଜାତୀୟ ଫସଲ ଗୃଷ କରିବା ପାଇଁ ଉତ୍ସାହିତ କରିବ । ମୁଁ ମଧ୍ୟ ଆମ ଗୃଷୀଭାଇମାନଙ୍କୁ ଅଧିକ ଡାଲି ଜାତୀୟ ଫସଲ ଗୃଷ କରିବା ସହିତ, ନିୟମିତ ଡାଲି ଖାଇବା ପାଇଁ ପରାମର୍ଶ ଦେଇ ଆସୁଅଛି ।



ଲେଖା ଓ ପ୍ରସ୍ତୁତି: **ବାଲାଜୀ ମହାନ୍ତି,**
କ୍ଷେତ୍ର ସହାୟକ
ଏଫ୍.ଏସ୍.ଏନ୍. ଅଧ୍ୟୟନ, ଲାନ୍‌ସା

LANSA
Leveraging Agriculture for Nutrition in South Asia
MSSRF